Institute for Social Development

## 2ND YEAR REPORT - ONE STOP CENTER - CUTTACK

ଦ୍ୱିତୀୟ ବର୍ଷ ◆ ଦ୍ୱିତୀୟ ସଂଖ୍ୟା ◆ ମାର୍ଚ୍ଚ ୨୦୨୦ - ଫେବୃୟାରୀ ୨୦୨୧



**Sri Bhabani Shankar Chayani**
Collector & District Magistrate
Cuttack, Odisha

Tel- 0671-2508100 (O) / 2301001 (R)
Fax- 0671-2301103
E-mail : dm-ctc@ori.nic.in

# MESSAGE

I am happy to know that SAKHI One Stop Centre, Cuttack managed by Institute for Social Development is going to bring out its Annual Report on completion of 2 years of their achievements serving with cases of violence against women as well as carrying information and views of larger society about the Centre.

Violence in any form against women like sexual harassment, domestic violence, trafficking, acid attacks should be discouraged. It's hard to believe that the Institution 'Sakhi' is providing various services of medical assistance, counseling, legal aid to the women's in distress which is really commendable.

I congratulate all the members associated with SAKHI and wish them all success in their services to the society.

Bhabani Shankar Chayani
(Collector, Cuttack)

Supported By
**Ministry of Women and Child Development, Government of India**





## ସମ୍ପାଦକୀୟ.......

**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେ (ଆଇ.ଏସ୍.ଡି)

# ଦୁଇବର୍ଷରେ 'ସଖୀ' - ୱାନ୍‌ଷ୍ଟପ୍ ସେଣ୍ଟର, କଟକ

୨୦୦୯ ମାର୍ଚ୍ଚ ୮ ତାରିଖ – ଆର୍ନ୍ତଜାତୀୟ ମହିଳା ଦିବସ ପାଳନ ଅବସରରେ କଟକ ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍‌ପିଟାଲ୍ ପରିସରରେ କଟକ ଜିଲ୍ଲା ପ୍ରଶାସନ, ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି.) ର ମିଳିତ ପ୍ରୟାସରେ ହିଂସାପିଡ଼ୀତା ମହିଳାମାନଙ୍କୁ ସହାୟତା ଦେବା ପାଇଁ ଖୋଲାଯାଇଛି 'ସଖୀ' କେନ୍ଦ୍ର । ଏହି କେନ୍ଦ୍ର ତା'ର ଦ୍ୱିତୀୟ ବର୍ଷ ଶେଷ କରି ତୃତୀୟ ବର୍ଷର ପଦାର୍ପଣ କରିବାକୁ ଯାଉଛି । ବିଗତ ଦୁଇବର୍ଷ ମଧ୍ୟରେ 'ସଖୀ' କେନ୍ଦ୍ରରେ ମୋଟ ୩୮୧ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୩୧୧ଟି କେବଳ ପାରିବାରିକ ହିଂସା ଜନିତ ଘଟଣା ପଞ୍ଜିକୃତ ହୋଇଛି । ନିର୍ଭୟା ଗଣଦୁଷ୍କର୍ମ ପରେ କେନ୍ଦ୍ର ସରକାରଙ୍କ ସହାୟତାରେ କିଭଳି ଜଣେ ହିଂସା ପୀଡ଼ିତା ମହିଳା ଗୋଟିଏ ଯାଗାରୁ ସମସ୍ତପ୍ରକାର ସହାୟତା ଯୋଗାଇ ଦିଆଯିବ, ଯାହାଫଳରେ ମହିଳାଟି ନ୍ୟାୟପାଇଁ ଏଠିକି ସେଠିକି ଆଉ ଯିବାକୁ ପଡ଼ିବନି । ଏହି ଉଦ୍ଦେଶ୍ୟରେ ସାରା ଭାରତବର୍ଷର ସବୁ ରାଜ୍ୟରେ ଖୋଲାଯାଇଛି ଏହି ସଖୀ କେନ୍ଦ୍ର । ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ସବୁଜିଲ୍ଲାର ସରକାରୀ ମୁଖ୍ୟଡାକ୍ତରଖାନାରେ ଖୋଲାଯାଇଛି ଏହି କେନ୍ଦ୍ର । ସରକାରୀ ମୁଖ୍ୟ ଡାକ୍ତରଖାନା ମାନଙ୍କରେ ଖୋଲିବାର ଉଦ୍ଦେଶ୍ୟ ହେଲା ପ୍ରଥମତଃ ଦୁଷ୍କର୍ମ ପିଡ଼ୀତା ମହିଳା ବା ଝିଅମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସେବା ଯୋଗାଇଦେବା ସେମାନଙ୍କର ଡାକ୍ତରୀ ପରୀକ୍ଷା ଠାରୁ ଆରମ୍ଭ କରି ଥାନାରେ ଏତଲା ଦେବା, ପରାମର୍ଶ ମାଧ୍ୟମରେ ପିଡ଼ୀତାଟିର ମନୋବଳ ବୃଦ୍ଧି କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଓ ସେମାନଙ୍କ ପାଇଁ ଥିବା ସରକାରୀ ସହାୟତା ରାଶି ସେ କିଭଳି ପାଇପାରିବ ସେ ସମ୍ବନ୍ଧରେ ପୀଡ଼ିତାଟିକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ।

କଟକ ବଡ଼ ମେଡିକାଲ ପରିସରରେ ଥିବା 'ସଖୀ' କେନ୍ଦ୍ର ବିଗତ ଦୁଇବର୍ଷ ମଧ୍ୟରେ ଏହିଭଳି ଅନେକ ହିଂସା ପୀଡ଼ିତା ମହିଳା, ଯେଉଁମାନେ ହିଂସା ଜନୀତ ଶରୀରରେ ଆଘାତ ପାଇ କଟକ ବଡ଼ମେଡିକାଲ ଆସିଛନ୍ତି ସେମାନଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ କଟକ 'ସଖୀ' କେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛି । 'କେନ୍ଦ୍ର'ର ଅବସ୍ଥିତି ଓ କାର୍ଯ୍ୟ ବିଷୟରେ ଅଧିକ ମାତ୍ରାରେ ଜାଣିବା ପାଇଁ ସଖୀ କେନ୍ଦ୍ରରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅନେକ ସମୟରେ କଟକ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମମାନ ଜାରିରଖିଛି ।

'କରୋନା' କାଳରେ ସମସ୍ତ ସରକାରୀ ବେସରକାରୀ ଅଫିସ୍ ବନ୍ଦ ଥିଲାବେଳେ ଏହି କେନ୍ଦ୍ର ୨୪ X ୭ ନିରନ୍ତର ସେବା ଯୋଗାଇ ଦେଇ ଆସୁଥିଲା । ଏହି ସମୟ ମଧ୍ୟରେ 'ସଖୀ' ଅନେକ ଗୁଡ଼ିଏ ପାରିବାରିକ ସମସ୍ୟା ଟେଲି କାଉନ୍‌ସିଲିଂ ମାଧ୍ୟମରେ ସମାଧାନ ମଧ୍ୟ କରିପାରିଥିଲା । ପୋଲିସର ସହାୟତାରେ ଅନେକ ମହିଳାଙ୍କ ପାଖେ ପହଞ୍ଚି ସେମାନଙ୍କୁ ସହାୟତାର ହାତବଢ଼ାଇ ଦେଇଥିଲା ।

ଶେଷରେ ଏତିକି କହିବି ବିଗତ ଦୁଇବର୍ଷ ମଧ୍ୟରେ 'ସଖୀ' କଟକ କେନ୍ଦ୍ର ହିଂସା ପିଡ଼ୀତା ମହିଳାମାନଙ୍କୁ ସହାୟତା ଓ ସହଯୋଗ ଦେବାରେ ଏକ ଉଲ୍ଲେଖନୀୟ ସଫଳତା ପାଇପାରିଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଆମକୁ ସହଯୋଗର ହାତ ବଢ଼ାଇଥିବା କଟକ ଜିଲ୍ଲା ପ୍ରଶାସନ, ଏସ୍.ସି.ବି. ମେଡିକାଲ କଲେଜ ପ୍ରଶାସନ, ଜିଲ୍ଲାପାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସୁରକ୍ଷା ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ବସୁନ୍ଧରା ସ୍ୱଧାରଗୃହ ଓ ମମତା ସ୍ୱଳ୍ପରହଣୀ ଗୃହ, ଡିନ୍ ଓ ନିର୍ଦ୍ଦେଶକ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ଏସ୍.ସି.ବି. ମେଡିକାଲ କଲେଜ କର୍ତ୍ତୃପକ୍ଷ ଆଦିଙ୍କୁ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ଆଶା କରୁଛି ଯେଉଁଭଳି ଭାବେ ଆମକୁ ଆପଣମାନେ ସହଯୋଗ ଦେଇଛନ୍ତି ଆସନ୍ତା ବର୍ଷମାନଙ୍କରେ ଏହିଭଳି ସହଯୋଗ ରହିଲେ 'ସଖୀ' କଟକ କେନ୍ଦ୍ରକୁ ଓଡ଼ିଶାରେ 'ଏକ ନମ୍ବର' ୱାନ୍ ଷ୍ଟପ ସେଣ୍ଟର ଭାବେ ଗଢ଼ିତୋଳିବାରେ ଅସୁବିଧା ରହିବନାହିଁ ।

ଶୁଭଶ୍ରୀ ଦାସ

# MESSAGE



**ଶ୍ରୀମତୀ ନିବେଦିତା ପଟ୍ଟନାୟକ**
ଅଧ୍ୟକ୍ଷା, ଆଇ.ଏସ୍.ଡି.

କଟକ 'ୱାନ୍ ଷ୍ଟପ୍ ସେଣ୍ଟର' - ସଖୀ ର ଦୁଇବର୍ଷ ପୂର୍ତ୍ତି ଅବସରରେ ମୁଁ ଆଇ.ଏସ୍.ଡି. ର ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର ଅଶେଷ ଅଶେଷ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ଏଇ ଦୁଇବର୍ଷ ମଧ୍ୟରେ 'ସଖୀ'ରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାମାନେ ଦିନରାତି ପରିଶ୍ରମ କରି ସେମାନଙ୍କ ପାଖକୁ ଆସୁଥିବା ପିଡ଼ୀତା ମହିଳାମାନଙ୍କୁ ସହଯୋଗ ଓ ସାହାଯ୍ୟ ଦେବାରେ ସଫଳ ଭୂମିକା ନିଭାଇଛନ୍ତି। ଡାକ୍ତରୀ ସୁବିଧା, ଆଇନ ସହାୟତା ଓ ପରାମର୍ଶ ଦେଇ ଅନେକ ଅଭିଯୋଗର ସମାଧାନ ପାଇଁ ଚେଷ୍ଟା କରିଛନ୍ତି। କଟକ ବଡ଼ଡାକ୍ତରଖାନା କେବଳ କଟକ ବାସିନ୍ଦାଙ୍କ ପାଇଁ ନୁହେଁ ଏହା ସାରା ଓଡ଼ିଶାର ଲୋକଙ୍କ ପାଇଁ। ଯଦିବା ସବୁଜିଲ୍ଲାରେ ଏହି କେନ୍ଦ୍ର ଅଛି ତଥାପି 'କଟକ' ସଖୀ କେନ୍ଦ୍ର ସାରା ଓଡ଼ିଶାରୁ ଆସୁଥିବା ମହିଳାମାନଙ୍କୁ ବିଶେଷଭାବେ ଡାକ୍ତରୀ ଚିକିତ୍ସା ସୁବିଧା ଯୋଗାଇଦେବାରେ ଏକ ବିଶେଷ ଭୂମିକା ନିଭାଉଛି। ମାନସିକ ଅନଗ୍ରସର ମହିଳାଟିଙ୍କୁ ଥଇଥାନ କରିବା ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ଓ ସେମାନଙ୍କୁ ସେମାନଙ୍କ ପରିବାର ସଙ୍ଗେ ଯୋଗାଯୋଗ କରି ମହିଳାଟି କିପରି ତା' ନିଜ ଘରକୁ ଫେରିଯିବ ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଇଛନ୍ତି। 'ସଖୀ'ର ସଫଳତା ପାଇଁ ମୁଁ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ବିଶେଷ ଭାବେ ଆଇ.ଏସ୍.ଡି. ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସଙ୍କର ଅକ୍ଳାନ୍ତ ଉଦ୍ୟମ ପିଡ଼ୀତା ମହିଳାମାନଙ୍କୁ ଥଇଥାନ ଦିଗରେ ବିଶେଷ ଉପକୃତ ହୋଇପାରିଛି।



**Smt. Nirupama Behera**
District Social Welfare Officer
Cuttack

I extended my heartiest congratulations to the SAKHI- One Stop Center, Cuttack for completing 2 years journey successfully.

I congratulate to the staff and members of the center, working dedicatedly to resolve the women related issues sincerely for the betterment of women and their family.

I am glad to know that SAKHI is bringing out a 2 years journey report containing valuable information about the center. I hope the purpose for which this report is being published shall be accomplished.

I wish SAKHI and all supporting staffs will continue their endeavor to serve the society betterment of women.



**Smt. Mandakini Jema**
Chairperson
CWC, Cuttack

I whole heartedly encourage & support the motto of 'SAKHI' which works for women in need.

I feel fortunate to have been associated with you all. Your success is the success of every women. Maintain the pride & bring a smile of women at need.

Wish your purpose sensitise each human being. Almighty encourage you all to sustain forever. My good wishes for you all.

# MESSAGE



**Dr. Satyabrata Chhotaray**
MS Surgery
Chief District Medical and
Public Health Officer, Cuttack

I am glad to know that SAKHI – One Stop Centre has completed 2nd years of its service with the help of Institute for Social Development and District Administration at SCB MCH Campus Cuttack on the occasion of International Women's Day.

SAKHI – One Stop Centre is rendering Medical Services, Legal Assistance, Mental and Social Advice etc. at one place to those women facing any kind of violence, due to sexual harassment, domestic violence which is a great example of social upliftment and empowerment of women.

I wish all the members associated with SAKHI for such noble Endeavour.



**Prof. Lucy Das**
Medical Superintendent
SCB Medical College &
Hospital, Cuttack

The Sakhi, One stop center, an initiative of women and child development has been setup in association with the district administration. The center provides medical assistance, police assistance, psycho-social counseling, legal assistance and shelter and all free of cost. The best part about this OSC is its location. This has been setup in SCBMCH, Cuttack. So that anyone can approach without hesitation.

It is an immense pleasure to congratulate you on the successful completion of 2 years. We highly appreciate yours tireless and high responsibility specially yours commitment and courage during Covid 19 lockdown for serving needy women and girl child deserve deepest gratitude and admiration. Wish you many more fruitful years ahead filled with dedication and hard hard work.




**Prof (Dr.) Sarada Prasanna Swain**
Director cum Medical
Superintendent
M.H.I (COE), SCBMCH,
Cuttack

SAKHI- One Stop Center, situated inside Mental Health Institute (Centre of Excellence), SCB Medical College Hospital, Cuttack, has completed two years of its dedicated service to Women and Children who are in distress after Psychological trauma following physical, emotional, sexual, family violence and neglected in society to get their rights as a "WOMAN".

I personally refer the cases to SAKHI from Mental Health Institute especially for legal help, who are psychologically traumatized by the family members after affected with Mental illness. The Center being situated inside the premises of Mental Health Institute, it is my expectation that all the women coming to the Institute, who are suffering of family violence and Abused in any form should get the legal and Psycho-social service to improve their moral strength.

The Psycho-social service rendered by the Center during Covid-19 Pandemic is praiseworthy. I wish the Center should be more equipped professionally to help the abused women and children at time of distress and establish a strong pillar in society to fight for the rights of women at large.

# MESSAGE



**Dr. Geeta Sahoo**
Professor & Head
Dept.of F.M & T
S.C.B M.C.H, Cuttack

I am overwhelmed to see the efficient functioning of SAKHI, One Stop Center in SCB Medical College and Hospital, Cuttack. During the testing times of COVID pandemic, when people were afraid to communicate with others, SAKHI staffs have been doing tele-counselling to the aggrieved victims. In spite of maintaining social distancing and COVID safety norms, the victims of violence are provided with all kinds of services including medical, legal, psychological and counseling support under one roof. I congratulate the One Stop Center team members for successful completion of two years in providing their dedicated service to the unfortunate victims of violence.



**Sri Pravin Kumar**
Inspector-In Charge
RPF post/CTC
E Co Rly, Khordaroad Division

My heartiest congratulation to "SAKHI" One Stop Center, Cuttack for the completion of 02 year in serving the mankind as well as the society in collaboration with SCB Medical College & Hospital. It is not the ordinary 02 years. It is something special and new, which excelled the One Stop Center due to your hard work, discipline and will to win. You have proved it time and again. One again a big salute from the core of my heart for inspiring us. I tender my best wishes for the development of the "SAKHI" One Stop Center, Cuttack.



**Mrs. Chaitali Swain**
Superintendent
Mamata Short Stay Home
Cuttack


With a great pleasure, I would like to take this opportunity to express my thoughts as the Superintendent of "Mamata Short Stay Home" on One Stop Center.


"WHEN ACTION MEETS COMPASSION LIVES CHANGE"


Our Society is just blessed to have such an amazingly wonderful people like you, "SAKHI", which literally means 'A True Friend', who actually turn up to serve and support the society under one roof to women, affected by violence both in private and public spaces.


I convey my heartfelt gratitude and best wishes to all the people, working for women. I bestow my good wishes to keep striving for such an excellence work.

# 2 YEARS AT A GLANCE 2019 - 2021




# ଏ ବର୍ଷରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ

## ( ମାର୍ଚ୍ଚ ୨୦୨୦ ଠାରୁ ଫେବୃୟାରୀ ୨୦୨୧ ପର୍ଯ୍ୟନ୍ତ)

ଏ ବର୍ଷର ପଞ୍ଜିକୃତ ହୋଇଥିବା ଅଭିଯୋଗ ସଂଖ୍ୟାର ପରିସଂଖ୍ୟାନରୁ ଜଣାଯାଇଛି ଯେ, କେନ୍ଦ୍ରକୁ ଆସୁଥିବା ମହିଳା ହିଂସା ସମ୍ବନ୍ଧୀୟ ଅଭିଯୋଗ ମଧ୍ୟରୁ ପାରିବାରିକ ହିଂସାର ସଂଖ୍ୟା ଅଧିକ। ନିମ୍ନରେ ଚଳିତ ବର୍ଷ ମଧ୍ୟରେ କେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା।

୧.ସମୁଦାୟ ପଞ୍ଜିକୃତ ହୋଇଥିବା ଅଭିଯୋଗ ସଂଖ୍ୟା


| ମାସର ନାମ | ପଞ୍ଜିକୃତ ଅଭିଯୋଗ |
|---|---|
| ମାର୍ଚ୍ଚ | ୧୪ |
| ଏପ୍ରିଲ | ୧୨ |
| ମଇ | ୨୬ |
| ଜୁନ | ୧୮ |
| ଜୁଲାଇ | ୧୩ |
| ଅଗଷ୍ଟ | ୨୪ |
| ସେପ୍ଟେମ୍ବର | ୨୮ |
| ଅକ୍ଟୋବର | ୧୧ |
| ନଭେମ୍ବର | ୧୪ |
| ଡିସେମ୍ବର | ୧୬ |
| ଜାନୁଆରୀ | ୧୭ |
| ଫେବୃୟାରୀ | ୧୨ |
| **ସମୁଦାୟ** | **୨୦୫** |




୨. ପରାମର୍ଶ ମାଧ୍ୟମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା


| ମାର୍ଚ୍ଚ | ଏପ୍ରିଲ | ମଇ | ଜୁନ | ଜୁଲାଇ | ଅଗଷ୍ଟ |
|---|---|---|---|---|---|
| ୦ | ୦ | ୨ | ୪ | ୧ | ୫ |

| ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁୟାରୀ | ଫେବୃୟାରୀ |
|---|---|---|---|---|---|
| ୮ | ୩ | ୪ | ୨ | ୨ | ୦ |




୩. କେବଳ ଏହି କେନ୍ଦ୍ରକୁ ପାରିବାରିକ ହିଂସାର ଶିକାର ହୋଇଥିବା ମହିଳାମାନେ ଅଭିଯୋଗ ନେଇ ଆସିଥାନ୍ତି ତା ନୁହେଁ ଅନ୍ୟାନ୍ୟ ପ୍ରକାରର ହିଂସାରେ ପିଡୀତା ମହିଳାମାନେ ମଧ୍ୟ ନିଜର ଅଭିଯୋଗ ଦାଖଲ କରିଛନ୍ତି । ନିମ୍ନରେ କେଉଁ ପ୍ରକାରର ହିଂସାରେ ପିଡୀତାମାନେ ଅଭିଯୋଗ ନେଇ ଆସିଛନ୍ତି ତାହାର ଏକ ପରିସଂଖ୍ୟାନ ଦିଆଗଲା ।

| ହିଂସାର ପ୍ରକାର | ସଂଖ୍ୟା |
|---|---|
| ପାରିବାରିକ ହିଂସା | ୧୬୧ |
| ଦୁଷ୍କର୍ମ | ୦୨ |
| ଯୌନ ନିର୍ଯ୍ୟାତନା | ୦୨ |
| ସାଇବର କ୍ରାଇମ୍ | ୦୦ |
| ଅପହରଣ ଏବଂ ନିରୁଦ୍ଦିଷ୍ଟ | ୦୩ |
| ଯୌତୁକ ନିର୍ଯ୍ୟାତନା | ୦୧ |
| ଅନ୍ୟାନ୍ୟ | ୩୬ |




୪. ସଖୀ କେନ୍ଦ୍ରକୁ ଆସୁଥିବା ସମସ୍ତ ମହିଳାମାନଙ୍କୁ ସାମାଜିକ ତଥା ମନସ୍ତାତ୍ତ୍ୱିକ ପରାମର୍ଶ ଦିଆଯିବା ସଙ୍ଗେସଙ୍ଗେ ସେମାନଙ୍କୁ ଅନ୍ୟାନ୍ୟ ସଂସ୍ଥାଦ୍ୱାରା ମିଳୁଥିବା ଉପଯୁକ୍ତ ବ୍ୟବସ୍ଥା ସହିତ ସଂଯୁକ୍ତ କରିଦିଆଯାଇଥାଏ । ନିମ୍ନରେ ଯୋଗାଇ ଦିଆଯାଇଥିବା ବିଭିନ୍ନ ସହାୟତା ସମ୍ବନ୍ଧୀୟ ପରିସଂଖ୍ୟନ ଦିଆଗଲା ।

| ସହଯୋଗର ନାମ | ସଂଖ୍ୟା |
|---|---|
| ଆଇନଗତ ସହାୟତା | ୦୯ |
| ଡାକ୍ତରୀ ଚିକିତ୍ସା ସମ୍ବନ୍ଧୀୟ ସୁବିଧା | ୨୩ |
| ପୋଲିସ ସହାୟତା | ୧୮ |
| ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ | ୨୦୫ |
| ସ୍ୱାଧାର ଗୃହରେ ରହିବାର ବ୍ୟବସ୍ଥା | ୦୫ |
| ଅନ୍ୟାନ୍ୟ | ୦୨ |





୫. ବିଗତ ଏକ ବର୍ଷ ମଧ୍ୟରେ ସଖୀକେନ୍ଦ୍ରକୁ ଆସିଥିବା ମୋଟ ୨୦୫ ଜଣ ମହିଳାଙ୍କ ଶିକ୍ଷ୍ୟାଗତ ଯୋଗ୍ୟତା, ସେମାନେ କେଉଁ ବର୍ଗରୁ ଆସିଛନ୍ତି ସେ ସବୁକୁ ମଧ୍ୟ ରେକର୍ଡ କରାଯାଇଛି, ତାହାର ଏକ ପରିସଂଖ୍ୟାନ ନିମ୍ନରେ ଦିଆଗଲା ।

| ଯୋଗ୍ୟତା | ସଂଖ୍ୟା |
|---|---|
| କିଛି ପଢି ଲେଖି ଜାଣି ନାହାଁନ୍ତି | ୨୦ |
| କେବଳ ଦସ୍ତଖତ ଜାଣନ୍ତି | ୧୦ |
| ପ୍ରାଥମିକ | ୩୪ |
| ମାଧ୍ୟମିକ | ୭୪ |
| ଇଣ୍ଟର ମିଡିଏଟ୍ | ୧୩ |
| ସ୍ନାତକ | ୩୯ |
| ବୃତ୍ତିଗତ ପେଷା | ୧୫ |

| ବର୍ଗ | ସଂଖ୍ୟା |
|---|---|
| ସାଧାରଣ | ୮୭ |
| ଓ.ବି.ସି | ୩୩ |
| ଅନୁସୂଚିତ ଜାତି | ୫୯ |
| ଅନୁସୂଚିତ ଜନଜାତି | ୦୬ |
| ଖ୍ରୀଷ୍ଟିୟାନ | ୦୦ |
| ମୁସ୍‌ଲିମ | ୨୦ |


୬. ଏହି କେନ୍ଦ୍ରକୁ ଅଭିଯୋଗ ନେଇ ଆସୁଥିବା ଅନେକ ମହିଳା ବିଭିନ୍ନ ମାଧ୍ୟମରେ ଆସିଥାନ୍ତି । ମୋଟ ଆସିଥିବା ୨୦୫ ମହିଳାଙ୍କ ମଧ୍ୟରୁ କିଏ କାହା ମାଧ୍ୟମରେ ବା କେଉଁମାନେ ଏହି ମହିଳାମାନଙ୍କୁ ଏଠାକୁ ପଠାଇଥିବାରେ ସାହାଯ୍ୟ କରିଛନ୍ତି ନିମ୍ନରେ ତା'ର ଏକ ପରିସଂଖ୍ୟାନ ଦିଆଗଲା –

| | ଅଭିଯୋଗ ପଠାଇ ଥିବା ସଂସ୍ଥାର ନାମ | ସଂଖ୍ୟା |
|---|---|---|
| ୦୧ | ପୋଲିସ୍ | ୬୩ |
| ୦୨ | ସ୍ୱେଚ୍ଛାସେବୀ ଅନୁଷ୍ଠାନ | ୧୧ |
| ୦୩ | ୧୮୧ ମହିଳା ହେଲ୍ପଲାଇନ୍ | ୬୯ |
| ୦୪ | ସୁରକ୍ଷା ଅଧିକାରୀ | ୦୩ |
| ୦୫ | ୱାନ୍‌ଷ୍ଟପ୍ ସେ ର (ଅନ୍ୟାନ୍ୟ ଜିଲ୍ଲା) | ୦୮ |
| ୦୬ | ଡାକ୍ତର | ୦୮ |
| ୦୭ | ଗଣମାଧ୍ୟମ | ୦୨ |
| ୦୮ | ମହିଳାଟି ନିଜେ ଆସିଛି | ୩୧ |
| ୦୯ | ରାଜ୍ୟ ମିହଳା କମିଶନ | ୩ |
| ୧୦ | ଓକିଲ | ୨ |
| ୧୧ | ପିଏଲ୍‌ଭି | ୨ |
| ୧୨ | ପୂର୍ବ-ପିଡ଼ୀତା | ୧ |
| ୧୩ | ଅନ୍ୟ | ୨ |
| | ମୋଟ | ୨୦୫ |




୭. ଅଭିଯୋଗ ପଞ୍ଜିକୃତ ହୋଇଥିବା ମହିଳା ବା ଝିଅ ମାନଙ୍କର ବୟସ

| ବୟସ | ସଂଖ୍ୟା |
|---|---|
| ୧୮ରୁ କମ୍ ବୟସ | ୦୩ |
| ୧୮ରୁ ୩୫ ବର୍ଷ ମଧ୍ୟରେ | ୧୫୧ |
| ୩୫ରୁ ୬୦ବର୍ଷ ମଧ୍ୟରେ | ୪୨ |
| ୬୦ ବର୍ଷରୁ ଅଧିକ | ୦୯ |




ଅଭିଯୋଗ ନେଇ ଆସୁଥିବା ମହିଳାଙ୍କୁ ସବୁପ୍ରକାର ସହାୟତା ସଖୀ ତରଫରୁ ଯୋଗାଇ ଦିଆଯାଇଥାଏ । ଗୃହ ପରିଦର୍ଶନ ମାଧ୍ୟମରେ ସଖୀରେ କାର୍ଯ୍ୟରତ କେସ୍ ୱାର୍କରମାନେ ଉଭୟପକ୍ଷର ଜଡିତ ବ୍ୟକ୍ତିବିଶେଷଙ୍କୁ ଅନୁଧ୍ୟାନ କରିପାରନ୍ତି । ସମସ୍ୟାର ସମାଧାନ ପରେ ମହିଳାଟି କିପରି ଅଛି ତା ପରିବାରର ଲୋକମାନଙ୍କର ତା ପ୍ରତିଥିବା ବ୍ୟବହାର କିଭଳି ପରିବ ´ନ ହୋଇଛି ଏସବୁ ଅନୁଧ୍ୟାନ କରିବାପାଇଁ କେସ୍ ୱାର୍କରମାନଙ୍କୁ ମହିଳାଟିର ଘରକୁ ଯିବାକୁ ପଡିଥାଏ । ଗୃହ ପରିଦର୍ଶନ ବେଳେ ସ୍ଥାନୀୟ ପୋଲିସ୍, ୱାର୍ଡମେମ୍ବର ବା ସେହି ଅ ଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଥାଏ ।

## ସଫଳ କାହାଣୀ

**ନିମ୍ନରେ କେତେକ ପିଡ଼ୀତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି। ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ତ୍ତେ ଛଦ୍ମନାମ ବ୍ୟବହାର କରାଯାଇଛି।**

### ନୂତନ ଆଶାର.... ଆରମ୍ଭ

ଦୀର୍ଘ ଦିନର ପ୍ରେମ ସମ୍ପର୍କ ପରେ ୨୩ ବର୍ଷିଆ ମେଘା ଏବଂ ୩୨ ବର୍ଷ ବୟସ୍କ ରାକେଶ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ପ୍ରେମ ବିବାହ ହୋଇଥିବାରୁ ଶାଶୁ ଘର ଲୋକ ମେଘା କୁ ସହଜରେ ଗ୍ରହଣ କରିପାରୁନଥିଲେ। ଧିରେ ଧିରେ ତାଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଲା। ଯେଉଁଥିରେ ସ୍ୱାମୀ ରାକେଶ ବି ଭାଗ ନେଉଥିଲେ। ରାକେଶ ତାଙ୍କୁ ବାପ ଘରୁ ଯୌତୁକ ଆଣିବାକୁ ବାଧ କରୁଥିଲେ। ମେଘା ତାଙ୍କ ବାପାଙ୍କ ଅସମର୍ଥତା ପ୍ରକାଶ କରିବା ପରେ ରାକେଶ ତାଙ୍କ ଉପରେ ଶାରୀରିକ ଅତ୍ୟାଚାର ଆରମ୍ଭ କରିଥିଲେ। ଝିଅ ଉପରେ ଅତ୍ୟାଚାର ବୃଦ୍ଧି ପାଇବାର ଦେଖି ତାଙ୍କ ବାପା କିଛି ଯୌତୁକ ଦେଇଥିଲେ, ତଥାପି ମେଘାଙ୍କ ଉପରେ ଅତ୍ୟାଚାର କମିବା ପରିବର୍ତ୍ତେ ବଢ଼ିବାକୁ ଲାଗିଥିଲା। ଯାହା ମଧ୍ୟରୁ ମେଘା ମୁକୁଳିବାକୁ ଚାହିଁଲେ, ସେ ଆସି ପହଞ୍ଚିଲେ 'ସଖୀ' ୱାନ୍ ଷ୍ଟପ୍ ସେଣ୍ଟରରେ। ସଖୀ ତରଫରୁ ପୋଲିସ୍ ଷ୍ଟେସନରେ ଯୌତୁକ ନିର୍ଯ୍ୟାତନା, ଘରୋଇ ହିଂସା ଅଭିଯୋଗ ଦାଖଲ କରାଯାଇଥିଲା। ସବୁଠାରୁ ରାକେଶ ବି ଗୁରୁତର ଅପରାଧୀ ଥିଲା। ସୋସିଆଲ୍ ମେଡିଆରେ ମେଘାକୁ ବଦନାମ କରିଥିଲା। ସଖୀ ସହାୟତାରେ ସାଇବର ଅପରାଧ ଅଭିଯୋଗ କରି ନକଲି ଆକାଉଣ୍ଟକୁ ଅବରୋଧ କରଯାଇଥିଲା ଓ ତତ୍ ସଙ୍ଗେ ସଙ୍ଗେ ମେଘାକୁ ମନସ୍ତାତ୍ତ୍ୱିକ, ସାମାଜିକ ପରାମର୍ଶ ଦେଇ ତାର ମନୋବଳକୁ ସୁଦୃଢ଼ କରାଯାଇଥିଲା।

ଏତିକିରେ ଘଟଣା ଶେଷ ହୋଇ ନଥିଲା। ମେଘାଙ୍କ ସ୍ୱାମୀ କ୍ରୋଧରେ ତାଙ୍କ ଭଉଣୀ, ଭିଣେଇଙ୍କ ସହ ମରଣାନ୍ତକ ଆକ୍ରମଣ କରିଥିଲେ। ମେଘାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସସିବି ମେଡିକାଲ ସ୍ଥାନାନ୍ତରଣ କରିଥିଲେ। ସଖୀର କର୍ମକର୍ତ୍ତାମାନେ ଡାକ୍ତରଙ୍କ ସହ ଆଲୋଚନା କରି ତାଙ୍କର ତୁରନ୍ତ ଅସ୍ତ୍ରୋପଚାର ର ବ୍ୟବସ୍ଥା କରିଥିଲେ। କୋଭିଡ ର ସଂକ୍ରମଣକୁ ଭୟ ନ କରି ସଖୀର କର୍ମକର୍ତ୍ତା ମେଘାଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିଲେ, ପୋଲିସର ଅବହେଳକୁ ଗଣମାଧ୍ୟମ ସାମ୍ନାକୁ ଆସିଲା ପରେ ଏବେ ସେ ଜେଲ୍‌ରେ ଅଛି। ମେଘା ନିଜ ବାପା ମା'ଙ୍କ ପାଖରେ ରହି ଏକ ନୂତନ ଜୀବନ ଆରମ୍ଭ କରିବାର ପ୍ରୟାସରେ ଅଛି।

### ନୂଆ ସଂସାର ସ୍ୱପ୍ନ....

ନିଜ ହୃଦ୍‌ଘାତ ଆକ୍ରାନ୍ତ ପିତାକୁ ଧରି ଅନିତା ଯେତେବେଳେ ଡାକ୍ତରଖାନାରେ ମାନସିକ ଚାପରେ ଥିଲେ, ସେତେବେଳେ ସେ ଭେଟିଥିଲେ ଆଦିତ୍ୟକୁ ଯିଏ ତାଙ୍କ ମା'ଙ୍କୁ ଧରି ଡାକ୍ତରଖାନା ଆସିଥିଲେ। ୨ଜଣ ଭିତରେ ପ୍ରେମ ସମ୍ପର୍କ କୁ ଦେଖି ପରିବାର ଲୋକ ଉଭୟଙ୍କ ବିବାହ କରାଇଥିଲେ। ଯଦିବା ବାହାଘର ହୋଇଥିଲା ହେଲେ ଆଦିତ୍ୟର ବାପା ମା' କେଉଁଠି ନା କେଉଁଠି ଅନିତା ଉପରେ ଖୁସି ନଥିଲେ ଓ ସେ ତାଙ୍କର ପସନ୍ଦର ନଥିଲା । ଆଦିତ୍ୟ ସଫ୍ଟୱେର କମ୍ପାନୀ ରେ ଚାକିରି କରୁଥିବା ବେଳେ ଘରର ସମସ୍ତ କାର୍ଯ୍ୟ ବୁଝୁଥିଲେ। ଆଦିତ୍ୟ ନିଜ କାମରେ ଯୋଗଦେବା ପାଇଁ ଚାଲିଗଲା ପରେ ଅନିତାଙ୍କ ଉପରେ ତାଙ୍କ ଶଶୁର ଓ ନଣନ୍ଦଙ୍କର ଅକଥନୀୟ ଅତ୍ୟାଚାର ବଢ଼ିଚାଲିଥିଲା। ପରିବାର ଲୋକଙ୍କ ଚାପରେ ପଡ଼ି ଅନିତାକୁ ସେ ଭୁଲ୍ ବୁଝିଥିଲା। ସମ୍ପର୍କର ମର୍ଯ୍ୟାଦା ଭୁଲି ଯେତେବେଳେ ଶ୍ୱଶୁର ଅନିତା ପ୍ରତି ଅଶାଳୀନ ବ୍ୟବହାର କଲେ ତାହା ଅନିତାଙ୍କ ପକ୍ଷରେ ଅସହ୍ୟ ହେଲା। ସେ ସମସ୍ତ କଥା ରାକେଶକୁ କହିବା ପରେ ରାକେଶ ଓଲଟା ବୁଝି ତାଙ୍କୁ ଗାଳିଗୁଲଜ ସହ ହାତ ଉଠାଇ ମାରିଥିଲେ। କିଛି ଉପାୟ ନପାଇ ଅନିତା 'ସଖୀ'ର ସାହାଯ୍ୟ ନେଇଥିଲେ।

'ସଖୀ'ର ପରାମର୍ଶଦାତ୍ରୀ ଏ ଘଟଣା ଶୁଣିବା ପରେ ଉଭୟ ପରିବାର ଲୋକଙ୍କୁ ଡକାଇ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। 'ସଖୀ'ରେ ବହୁ ବାର ଆଲୋଚନା ପରେ ଉଭୟ ନିଜର ଭୁଲ୍ ବୁଝିଥିଲେ ଏବଂ ଦାମ୍ପତ୍ୟ ଜୀବନ ଆଗକୁ ବଢ଼ାଇବା ପାଇଁ ରାଜି ହୋଇଥିଲେ। ବର୍ତ୍ତମାନ ସେମାନେ ଖୁସି ଖୁସିରେ ଅଛନ୍ତି। ନିଜର ଏବଂ ନୂଆ ସଂସାରର ସ୍ୱପ୍ନ ଦେଖୁଛନ୍ତି।

## ହସିଲା ସଂସାର....

୨୩ ବର୍ଷ ପରେ ପ୍ରତ୍ୟାଶା ଓ ଆଶୁତୋଷ ବୈବାହିକ ଜୀବନରେ ଉଠିଥିଲା ଝଡ଼ । ହୋମିଓପାଥି ଡାକ୍ତର ଭାବରେ ଆଶୁତୋଷଙ୍କର ବହୁତ ଖ୍ୟାତି ଥିଲା । ତାଙ୍କ ପାଖକୁ ଚିକିତ୍ସା ପାଇଁ ଆସି ପ୍ରତ୍ୟାଶା ପଡ଼ିଥିଲେ ପ୍ରେମରେ । ପ୍ରେମ ବିବାହ ର ରୂପ ନେଇଥିଲା । ଦୁଇ ପୁତ୍ର ଅମ୍ଳାନ, ଇଶାନ କୁ ନେଇ ଖୁସିରେ କଟିଥିଲା ୨୩ ବର୍ଷ ।

ଆଶୁତୋଷ ପ୍ରତ୍ୟାଶା ଏବଂ ଦୁଇ ପୁଅକୁ ବହୁତ ଭଲ ପାଉଥିଲେ । ବିବାହର ଆଦ୍ୟକାଳରେ ପ୍ରତ୍ୟାଶା ଯେପରି ସଜବାଜ ହୋଇ ସୁନ୍ଦରୀ ନବବଧୂ ଦେଖାଯାଉଥିଲେ ଏ ପ୍ରୌଢ଼ ଅବସ୍ଥାରେ ବି ସେ ସେପରି ନବବଧୂ ପରି ସଜେଇ ହୁଅନ୍ତୁ ଯାହା ପ୍ରତ୍ୟାଶାଙ୍କୁ ଆଦୌ ଭଲ ଲାଗୁନଥିଲା । ଡାକ୍ତର ଆଶୁତୋଷ ସବୁବେଳେ ଚାହୁଁଥିଲେ ପ୍ରତ୍ୟାଶାଙ୍କ ସାନ୍ନିଧ୍ୟ । ଯାହା ପ୍ରତ୍ୟାଶା ଙ୍କ ଦ୍ୱାରା ସମ୍ଭବ ନଥିଲା । ତେଣୁ ସେ ସବୁବେଳେ ମଦ୍ୟପାନ କରି ଘରକୁ ଆସି ସ୍ତ୍ରୀ, ପୁତ୍ରକୁ ଗାଳିଗୁଲଜ କରୁଥିଲେ । ବାର୍ଦ୍ଧକ୍ୟରେ ଯୌବନକୁ ଧରି ରଖିବା ପାଇଁ ସେ ଔଷଧ ସେବନ କରୁଥିଲେ ଏବଂ ସେହି ଔଷଧ ପ୍ରତ୍ୟାଶାଙ୍କୁ ଖାଇବାକୁ ବାଧ କରୁଥିଲେ । ପ୍ରତ୍ୟାଶାଙ୍କ ସାନ୍ନିଧ୍ୟ ନ ମିଳିବାରୁ ସେ ତାଙ୍କ ସମ୍ପର୍କୀୟ ଭଉଣୀଙ୍କ ସହ ଅବୈଧ ସମ୍ପର୍କ ରଖିଲେ । ଘରର ଅଶାନ୍ତ ପରିବେଶ ପିଲାଙ୍କ ଉପରେ ପ୍ରଭାବ ପକାଇଲା । ମାନସିକ, ଶାରୀରିକ ଅତ୍ୟାଚାର ବଢ଼ି ଚାଲିବାରୁ ପ୍ରତ୍ୟାଶା ଆସି ପହଞ୍ଚିଲେ 'ସଖୀ'ରେ । 'ସଖୀ' ପରାମର୍ଶଦାତ୍ରୀଙ୍କ ସାନ୍ତ୍ୱନା ପ୍ରତ୍ୟାଶାଙ୍କ ମନବୋଳ ବୃଦ୍ଧି କଲା । ଆଶୁତୋଷ ଙ୍କୁ 'ସଖୀ' କେନ୍ଦ୍ରକୁ ଡକାଯାଇଥିଲା । ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଉଭୟଙ୍କୁ ଅନେକ ଦିନ ଯାଏ ଯୋଗାଇ ଦିଆଯାଇଥିଲା । ଦୁଇଜଣଙ୍କୁ ଏକଠି ପରାମର୍ଶ ଅଧିବେଶନରେ ଆଶୁତୋଷ ନିଜର ଭୁଲ୍ ବୁଝି ପ୍ରତ୍ୟାଶାଙ୍କ ପ୍ରତି ଅନ୍ୟାୟ କରିଥିବା ସ୍ୱୀକାର କଲେ । ଭବିଷ୍ୟତରେ ଏପରି ହେବ ନାହିଁ ଏବଂ ସେମାନେ ମିଳିମିଶି ସଂସାରକୁ ସଜାଡ଼ିବେ ବୋଲି ପ୍ରତିଶ୍ରୁତି ଦେଲେ । ସଖିର ସହଯୋଗ ପ୍ରତ୍ୟାଶାଙ୍କର ଭଙ୍ଗା ଘର ଯୋଡ଼ି ଦେଇଥିଲା ।

## ଠିକଣା ଠିକ୍ ସମୟରେ ମିଳିଲା

ସେଦିନ ଥିଲା ୧୭-୧-୨୦୨୧ ରାତି ୧୧.୩୦ ମିନିଟ୍ । ହଠାତ୍ ୧୮୧ ୱେମେନ୍ ହେଲ୍ପ ଲାଇନ୍ ନମ୍ବରରୁ ଫୋନ୍ ଆସିଲା ଜଣେ ଝିଅ ନିଖୋଜ ଅଛି । ତା'ର ବଡ଼ ଭଉଣୀ ୧୮୧ କୁ ଫୋନ୍ କରି ସାହାଯ୍ୟ ମାଗୁଛନ୍ତି । ୧୮୧ ତରଫରୁ ଆମକୁ ସେମାନେ ସମସ୍ତ ତଥ୍ୟ ଦେଲାପରେ ଆମେ ତା'ର ବଡ଼ଭଉଣୀ ରଞ୍ଜିତା ସଙ୍ଗେ ଯୋଗାଯୋଗ କରି ଜାଣିବାକୁ ପାଇଲୁ ଯେ, ତାଙ୍କର ସାନ ଭଉଣୀ ରେଖା ବୟସ ୨୦ ବର୍ଷ । ସେ ତା'ର ଦୁଇଜଣ ବନ୍ଧୁଙ୍କୁ ଦେଖା କରିବାକୁ କହି ଘରୁ ଆସି ଦୁଇଦିନ ହେଲା ଫେରିନାହିଁ । ଅନେକ ଖୋଜାଖୋଜି କଲାପରେ ସେ ଜାଣିବାକୁ ପାଇଲେ ଯେ, ତାଙ୍କ ସାନଭଉଣୀ ତା'ର ଦୁଇ ବନ୍ଧୁଙ୍କ ସଙ୍ଗେ ମିଶି ପୁରୀ ଯାଇଥିଲେ ଓ ସେହିଠାରୁ ତା'ର ପତ୍ତା ମିଳୁନାହିଁ । ଏହି ଘଟଣା ଆମ ନଜରକୁ ଆସିଲା ପରେ ଆମେ ସଙ୍ଗେ ସଙ୍ଗେ ମଙ୍ଗଳାବାଗ୍ ର ଥାନା ଅଧିକାରୀଙ୍କ ସଙ୍ଗେ ଯୋଗାଯୋଗ କରି ଏ ଘଟଣା କହିଲୁ । ସେ ସଙ୍ଗେ ସଙ୍ଗେ ତା'ର ସାଙ୍ଗମାନଙ୍କର ଟେଲିଫୋନ୍ ନମ୍ବର ଟ୍ରାକ୍‌କରି ଜାଣିବାକୁ ପାଇଲେ ପୁରୀର ବଳିଆମଠ ନିକଟରେ ଅଛନ୍ତି । ସଖୀ ତରଫରୁ ମଙ୍ଗଳାବାଗ୍ ଥାନା ଅଧିକାରୀଙ୍କ ସହାୟତାରେ ପୁରୀର ଲୋକାଲ୍‌ଥାନାକୁ ଯୋଗାଯୋଗ କରି ସେମାନଙ୍କ ପାଖେ ଝିଅଟିର ବଡ଼ଭଉଣୀ ରଞ୍ଜିତାକୁ ପହଞ୍ଚାଇ ଦିଆଯାଇଥିଲା । ଏ ଘଟଣାରେ 'ସଖୀ'କୁ ପୋଲିସ୍‌ର ସହାୟଦା ବେଶ୍ ପ୍ରଶଂସନୀୟ ଅଟେ ।

# ଅଭିଜ୍ଞତାରୁ ପଦେ....



**ସୌମ୍ୟା ସୁରଚିତା ସାହୁ**
କେନ୍ଦ୍ର ପରିଚାଳିକା

ହିଂସା ପିଡ଼ୀତା ମହିଳାମାନଙ୍କୁ ନ୍ୟାୟ ଓ ସୁରକ୍ଷା ଦେବାପାଇଁ କଟକ ସଖୀ–ୱାନ ଷ୍ଟପ ସେଣ୍ଟର ଦୁଇବର୍ଷ ପଦାର୍ପଣ କରିଛି। ଗୋଟିଏ ଯାଗାରୁ ହିଁ ଉପଯୁକ୍ତ ଆଇନ୍‌ଗତ, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ସହ ଡାକ୍ତରୀ ଓ ପୋଲିସ ସହାୟତା ଯୋଗାଇବାରେ 'ସଖୀ' କଟକ କେନ୍ଦ୍ର ଏକ ମୁଖ୍ୟ ଭୂମିକା ନିଭାଇଛି। ଏହି କେନ୍ଦ୍ରର ପରିଚାଳିକା ଭାବରେ ମୁଁ ସବୁବେଳେ ଚେଷ୍ଟା କରେ ହିଂସା ପିଡ଼ୀତା ମହିଳାଟିକୁ ଉପଯୁକ୍ତ ନ୍ୟାୟ ମିଳୁ। ମୋ ସାଙ୍ଗରେ କାମ କରୁଥିବା ମୋର ସହଯୋଗୀମାନଙ୍କର ଉତ୍ତମ ବୁଝାମଣା ଓ ସଖୀ କେନ୍ଦ୍ର ସହ ଜଡ଼ିତ ଅନ୍ୟାନ୍ୟ ସଂସ୍ଥା ମାନଙ୍କର ସହଯୋଗ ହୁଏତ ଆମର କାମ କରିବାର ଆଗ୍ରହକୁ ଆହୁରି ଆଗକୁ ନେବ ବୋଲି ଆଶା ରହୁଛି। ଏହି ପତ୍ରିକା ମାଧ୍ୟମରେ ସଖୀର କାର୍ଯ୍ୟକ୍ରମର ଦୁଇବର୍ଷର ସଂପୂର୍ଣ୍ଣ ତଥ୍ୟ ଦିଆଯାଇଛି। କେନ୍ଦ୍ର ବିଷୟରେ ଗଣମାଧ୍ୟମରେ ବହୁଳ ଭାବେ ପ୍ରଚାର ପସାର ହେଲେ ଅନେକ ପିଡ଼ୀତା ମହିଳାମାନେ ଏଠାକୁ ଆସି ସେମାନଙ୍କର ସମସ୍ୟାର ସମାଧାନ କରିପାରିବେ।



**ରୂପଶ୍ରୀ ଦୋରା**
ପରାମର୍ଶଦାତ୍ରୀ

ସଖୀ – କଟକ କେନ୍ଦ୍ରରେ କାର୍ଯ୍ୟ କରିବାରେ ମୋର ମାତ୍ର ୧ ବର୍ଷର ଅଭିଜ୍ଞତା। କିନ୍ତୁ ଏହା ପୂର୍ବରୁ ମୁଁ ଆଇ.ଏସ୍.ଡି. ଦ୍ୱାରା ପରିଚାଳିତ 'ମାଧ୍ୟମ' ମହିଳା ସହଯୋଗ କେନ୍ଦ୍ରର ପରାମର୍ଶଦାତ୍ରୀ ଭାବେ ଦୀର୍ଘ ୫ ବର୍ଷ ଧରି କାମକରି ଆସୁଥିଲି। ଏଠାକୁ ଆସିଲା ପରେ ଜାଣିଲି ଏହି କେନ୍ଦ୍ରରେ କାମ କରିବାର ଶୈଳୀ ସ୍ୱତନ୍ତ୍ର ଅଟେ। ଗୋଟିଏ ଯାଗାରୁ ପରାମର୍ଶ ସହିତ ଆଇନ୍, ଡାକ୍ତରୀ ଓ ପୋଲିସ୍ ସହାୟତା ଯୋଗାଇ ଦିଆଯାଉଛି। କୋଭିଡ୍ ସମୟରେ ଯେତେବେଳେ ସବୁଆଡ଼େ ବନ୍ଦ ଥିଲା ସେତେବେଳେ ବି ଆମପାଖକୁ ଟେଲିଫୋନ୍ ମାଧ୍ୟମରେ ମହିଳାମାନେ ଯୋଗାଯୋଗ କରି ନିଜର ସମସ୍ୟା ଜଣାଉଥିଲେ ଓ ସେ ପରିସ୍ଥିତିରେ ଆମ ପାଇଁ ପୋଲିସ୍‌ର ସହାୟତା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା ଓ ସେମାନେ ମଧ୍ୟ ଆମକୁ ସହଯୋଗ କରିଛନ୍ତି। ପୋଲିସ୍‌ର ସହାୟତା ଦ୍ୱାରା ଅନେକ ମହିଳା ବି ଉପକୃତ ହୋଇଛନ୍ତି। ସମସ୍ତଙ୍କ ସହଯୋଗ ରହିଲେ ଆହୁରି ଭଲ କାମ ହୋଇପାରିବ ବୋଲି ମୋର ଆଶା।



**Shahnaaz Parveen**
Case Worker

I can truly say the experience and opportunity I have got working in SAKHI one stop centre to make a difference in the lives of under privileged women is a thought provoking experience for me. There were several things that I learned and heard during my work in SAKHI that's initially surprised me. I feel naive admitting this, I did not even realize how huge of an issue violence against women. Right from convincing couples and their families in DV cases to dealing with cyber crime, sexual harassment, dowry harassment, kidnapping, rape, child abuse, neglect of older women etc. the challenges are never ending. One thing I have learned that how to interact with women and girls at risk, if we listen to their experiences and respond to their needs we can tackle violence against them. Last but not the least; I want to express my sincere gratitude to my centre in charge and colleagues for guiding, influencing and understanding me instead of intolerance.



**Ms. Baijayantimala Swain**
Case Worker

I am working as a case worker in SAKHI, One stop center, Cuttack. Since 1st June 2019 onwards. It was not so easy for me to work in the beginning. A lot of patience and understanding power is required to deal with the survivor which I have learned here. During counseling with the survivor, respondent and their families, we have to play vital roles as our words matters a lot to them. Along with this I have to deal with many medical personnel and with police regarding cases which has given some good experiences. I have also learned documentation. I have always tried to learn from my work and in future, with cooperation of our seniors, I hope to do well in this field.

# ଅଭିଜ୍ଞତାରୁ ପଦେ....



ପାର୍ବତୀ ନାୟକ
କେସ୍ ୱାର୍କର

ସଖୀ- ୱାନ ଷ୍ଟପ ସେଣ୍ଟରରେ କେସ୍‌ୱାର୍କର ଭାବରେ ୧ ଡିସେମ୍ବର ୨୦୧୯ରୁ କାମ କରୁଅଛି। ମୁଁ ଯେତେବେଳେ ମୋ କାମରେ ଯୋଗ ଦେଇଥିଲି, ମୁଁ ଡରି ଯାଇଥିଲି ସତରେ କ'ଣ ମୁଁ ପାରିବି ? ଯେତେବେଳେ ମୁଁ କାମ ଆରମ୍ଭ କରି ଜାଣିଲି ମୁଁ ପଢ଼ିଥିବା ପାଠ ମୋ କାମରେ ନିଶ୍ଚୟ ଲଗାଇବି। ଏଠାରେ କାମ କଲା ଭିତରେ ମୋତେ ଅନେକ କିଛି ଶିଖିବାକୁ ମିଳିଛି। କେନ୍ଦ୍ର ପରିଚାରିକା ଶ୍ରୀମତୀ ସୌମ୍ୟ ସୁରଚିତା ସାହୁଙ୍କର ସହଯୋଗ ପ୍ରତିକ୍ଷେତ୍ରରେ ମୋର କାମ କରିବାର ଶୈଳୀକୁ ଆଗକୁ ନେବାରେ ଦୃଢ଼ ବିଶ୍ୱାସ ଜନ୍ମାଇ ପାରିଛି।

ମୁଁ ମୋ କାମକୁ ନେଇ ବହୁତ ଖୁସି ଏବଂ ଅଳ୍ପ ସମୟ ଭିତରେ ଯାହା ସବୁ ଶିଖିଛି ସେଇକାମକୁ ଭବିଷ୍ୟତରେ ସଖୀକୁ ବହୁତ ଆଗକୁ ନେବାକୁ ଚେଷ୍ଟା କରିବି। ଶେଷରେ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି ଏବଂ ଯେଉଁମାନେ ମୋତେ ସଖୀରେ କାମ କରିବାକୁ ସୁଯୋଗ ଦେଇଛନ୍ତି ସେମାନଙ୍କ ଆଶୀର୍ବାଦରେ ମୁଁ ଏଠାରେ କାମ କରୁଛି। ମୋତେ ଲାଗୁଛି ମୁଁ ମୋ କାମ ଏବଂ ଭାବନାକୁ ଶବ୍ଦରେ ପ୍ରକାଶ କରିପାରୁ ନାହିଁ।



ସାଗରିକା ବର୍ଦ୍ଧନ
ଆଇ.ଟି. ଷ୍ଟାଫ୍

ଏଠାରେ ମୁଁ କାମ କରିବାର ଦୁଇବର୍ଷର ଅଭିଜ୍ଞତା। ପରାମର୍ଶ ଦେଇ ସମସ୍ୟା ସମାଧାନ ଯେତିକି ଜରୁରୀ ମହିଳାମାନଙ୍କର ତଥ୍ୟକୁ କମ୍ପ୍ୟୁଟରରେ ସଂରକ୍ଷିତ ରଖିବା ମଧ୍ୟ ସେତିକି ଜରୁରୀ। ଡାକ୍ତର, ପୋଲିସ୍ କିମ୍ବା କୋର୍ଟଙ୍କ ତରଫରୁ ଯଦି ଆମକୁ କେବେ ତଥ୍ୟ ମଗାଯାଏ ତେବେ ଏସବୁକୁ ସଙ୍ଗେସଙ୍ଗେ ଯୋଗାଇଦେବା ଆମ ଆଇ.ଟି. ସେଲ୍‌ର ମୁଖ୍ୟ କାମ। କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଗଠିତ ସଖୀ – ଡାଏସ୍ ବୋର୍ଡ଼ ଅନ୍‌ଲାଇନ୍ ପୋର୍ଟାଲରେ ଏଠାକୁ ଆସୁଥିବା ପ୍ରତ୍ୟେକଟି କେସ୍‌ର ତଥ୍ୟକୁ ସଂରକ୍ଷିତ ରଖିବାକୁ ପଡ଼େ। କରୋନାରେ ସବୁଆଡ଼ ବନ୍ଦଥିଲାବେଳେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଦ୍ୱାରା ଆମକୁ ଦିଆଯାଉଥିବା ପ୍ରଶିକ୍ଷଣ ବେଶ୍ ଉପଯୋଗୀ ଥିଲା। ଆଶା କରୁଛି ଆମର ଏହି କେନ୍ଦ୍ରକୁ ସଫଳତାର ଶୀର୍ଷକୁ ନେବା ପାଇଁ ମୋର ସହଯୋଗ ଏକ ଗୁଣ୍ଡିଚିମୂଷା ଭଳି କାମରେ ଆସିବ।



ସ୍ନେହଲତା ନାୟକ
ମଲ୍‌ଟିପରପୋଜ ୱାର୍କର

ମାର୍ଚ୍ଚ ୮ ତାରିଖ ୨୦୧୯ରୁ ସଖୀ- ୱାନ ଷ୍ଟପ ସେଣ୍ଟରର କଟକରେ କର୍ମଚାରୀ ଭାବରେ କାର୍ଯ୍ୟକରି ଆସୁଅଛି। ଏଠାରେ ମୋର ଦାୟିତ୍ୱକୁ ମୁଁ ସୂଚାରୁ ରୂପେ ସମ୍ପାଦନ କରି ଆସୁଛି। ଏହି ସେଣ୍ଟରକୁ ଆସୁଥିବା ପ୍ରତ୍ୟେକ ମହିଳା ଯେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ଆସୁଥାନ୍ତୁନା କାହିଁକି; ଆମେ ତାଙ୍କୁ ପ୍ରଥମେ ସମ୍ମାନ ଜଣାଇଥାଉ। ସେମାନେ କିଭଳି ଆମ ଉପରେ ଭରସା ରଖିବେ ସେ ବିଷୟରେ ଅବଗତ କରାଇଥାଉ ଏବଂ ଯେଉଁ ଆଶା ଭରଷାରେ ସେମାନେ ଏଠାକୁ ଆସିଥାନ୍ତି, ସେମାନଙ୍କୁ କିଭଳି ଠିକ୍ ଭାବେ ନ୍ୟାୟ ମିଳିପାରିବ ସେଥିପାଇଁ ଆମେ ସମସ୍ତେ ଖୁବ୍ ଯତ୍ନବାନ। ଏଠାରେ କାର୍ଯ୍ୟ କରି ମୁଁ ବହୁତ କିଛି ଶିଖି ପାରିଛି।



ବିଜୟ କୁମାର ପଣ୍ଡା
ଆଇନ୍‌ଜୀବି

ହିଂସା ପିଡ଼ୀତା ମହିଳାଟି, ନିଜର ସମସ୍ୟାର ସମାଧାନ ପାଇଁ ସାହାରା ଖୋଜିଥାଏ। ଯଦି ତାକୁ ଏହି ସାହାରା ଉପଯୁକ୍ତ ସମୟରେ ମିଳିନଥାଏ ବା ଯୋଗାଇ ଦିଆନଯାଏ ତେବେ ସେ ନିଜର ମୌଳିକ ଅଧିକାରରୁ ବଞ୍ଚିତ ହୋଇଥାଏ। ଏଠାରେ ଅନ୍ୟାନ୍ୟ ପରାମର୍ଶ ସହିତ ଆଇନ୍‌ଗତ ପରାମର୍ଶ ସକାରାତ୍ମକ ଢଙ୍ଗରେ କରାଯାଇଥାଏ। ଅଯଥାରେ କୋର୍ଟ କଚେରୀ ପର୍ଯ୍ୟନ୍ତ ସମସ୍ୟାକୁ ନନେଇ ନିଜ ନିଜ ମଧ୍ୟରେ କିଭଳି ସମସ୍ୟାର ସମାଧାନ ହୋଇପାରିବ ସେ ସମ୍ବନ୍ଧରେ ଆଇନ୍‌ଗତ ପରାମର୍ଶ ମଧ୍ୟ ଦିଆଯାଇଥାଏ। ଜଣେ ଆଇନ୍‌ଜୀବି ହିସାବରେ ମୁଁ ଏତିକି କହିବି ହିଂସାପିଡ଼ୀତା ମହିଳାମାନେ 'ସଖୀ' କେନ୍ଦ୍ରକୁ ନିର୍ଦ୍ଦନ୍ଦ୍ୱରେ ଆସନ୍ତୁ, ମୁହଁ ଖୋଲି ନିଜର ସମସ୍ୟା ଜଣାନ୍ତୁ ଓ ସହଯୋଗ ନିଅନ୍ତୁ।

# ଆଇନ୍ ସମ୍ବନ୍ଧୀୟ ଚର୍ଚ୍ଚାରେ

## ପାରିବାରିକ ହିଂସା ସୁରକ୍ଷା ଆଇନ-୨୦୦୫ ଓ ସେବା ପ୍ରବନ୍ଧକ (Service Provider)ଙ୍କ ଭୂମିକା

ଏହି ଆଇନର ଫଳପ୍ରଦ କାର୍ଯ୍ୟକାରୀତା ପାଇଁ, ସେବା ପ୍ରବନ୍ଧକମାନେ ଏହାର ଅନ୍ୟ ଏକ ବିଶିଷ୍ଟ ଅଙ୍ଗ ଅଟନ୍ତି । ଏହି ଆଇନର ଧାରା- ୧୦ରେ ସେବା ପ୍ରବନ୍ଧକମାନଙ୍କ ନିଯୁକ୍ତି ଓ କର୍ତ୍ତବ୍ୟ ବିଷୟ ସୂଚିତ ହୋଇଅଛି । ସେବା ପ୍ରବନ୍ଧକମାନେ ବେସରକାରୀ ସଂସ୍ଥା ବା ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଅଟନ୍ତି । ସେବା ପ୍ରବନ୍ଧକମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଜିକୃତ ହେବେ । ସେମାନେ ପାରିବାରିକ ହିଂସା ରିପୋର୍ଟ ପ୍ରସ୍ତୁତ କରିବେ ଏବଂ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କର ଡାକ୍ତରୀ ପରୀକ୍ଷା କରାଇବେ । କ୍ଷତିଗ୍ରସ୍ତ ମହିଳାଙ୍କୁ ନିରାପଦ ବାସସ୍ଥଳୀରେ ଆଶ୍ରୟ ମିଳିବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବେ । ପାରିବାରିକ ହିଂସା ବିରୁଦ୍ଧରେ କ୍ଷତିଗ୍ରସ୍ତ ମହିଳାଙ୍କୁ ଉପଯୁକ୍ତ ସୁରକ୍ଷା ମିଳିବା ପାଇଁ ସେବା ପ୍ରବନ୍ଧକ ଆବଶ୍ୟକ ପଦକ୍ଷେପ ନେବେ । ସେବା ପ୍ରବନ୍ଧକ ସଦସ୍ୟମାନେ ପାରିବାରିକ ହିଂସାର ନିରାକରଣ ପାଇଁ ଉତ୍ତମ ବିଶ୍ୱାସରେ କରିଥିବା କାର୍ଯ୍ୟମାନଙ୍କ ପାଇଁ ତାଙ୍କୁ ଦଣ୍ଡିତ କରାଯିବା ନାହିଁ ବା ତାଙ୍କ ବିରୁଦ୍ଧରେ ଅନ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ । ପାରିବାରିକ ହିଂସାରୁ ମହିଳାମାନଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇବାରେ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ଏହାକୁ ଏହି ନୂତନ ଆଇନ ସମର୍ଥନ ସୂଚକ ସ୍ୱୀକୃତି ଦେଇଅଛି । ତେଣୁ ଯେଉଁ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ନାରୀକଲ୍ୟାଣ ପାଇଁ ଆଭିମୁଖ୍ୟ ନେଇ କାର୍ଯ୍ୟ କରୁଛନ୍ତି, ସେମାନେ ନିଜକୁ ସେବା ପ୍ରବନ୍ଧକ ଭାବେ ରାଜ୍ୟ ସରକାରଙ୍କଠାରେ ପଞ୍ଜୀକୃତ କରାଇପାରିବେ ଏବଂ ପାରିବାରିକ ହିଂସା ବିରୁଦ୍ଧରେ ମହିଳାମାନଙ୍କୁ ସୁରକ୍ଷା ମିଳିବା ପାଇଁ ଏହି ଆଇନ ଅନୁଯାୟୀ ସେମାନଙ୍କଠାରେ ଅର୍ପିତ କ୍ଷମତାର ପ୍ରୟୋଗ କରିପାରିବେ ଏବଂ ଦାୟିତ୍ୱମାନ ନିର୍ବାହ କରିପାରିବେ ।

## ଛାଡ଼ପତ୍ର ସମ୍ବନ୍ଧରେ କେତୋଟି ଜାଣିବା କଥା

୧. ଛାଡ଼ପତ୍ର ପାଇଁ ସିଭିଲ୍ ଜଜ୍, ସିନିୟର ଡିଭିଜନ୍ କୋର୍ଟ ଏବଂ ପାରିବାରିକ ଅଦାଲତରେ ଆବେଦନ କରାଯାଏ ।

୨. ବିବାହ ବିଚ୍ଛେଦର ଦରଖାସ୍ତ ବିବାହର ଅନ୍ୟୂନ୍ୟ ୧ ବର୍ଷ ଅତିକ୍ରମ ପରେ ହିଁ କରାଯାଇପାରିବ ।

୩. ଦରଖାସ୍ତ ଆବେଦନକାରୀ ନିଜେ ବା ଓକିଲ ମାଧ୍ୟମରେ ନିମ୍ନଲିଖିତ ସ୍ଥାନମାନଙ୍କରେ ଆବେଦନ କରିପାରିବେ –

- ଯେଉଁଠାରେ ବିବାହ ସଂଘଟିତ ହୋଇଥିଲା ।
- ଯେଉଁଠାରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଏକାଠି ରହୁଥିଲେ ।
- ଯେଉଁଠାରେ ଅପରପକ୍ଷ ବାସ କରନ୍ତି ।
- ଯେଉଁଠାରେ ଦରଖାସ୍ତ ଉପସ୍ଥାପିତ କରୁଥିବା ପକ୍ଷ ବାସ କରନ୍ତି ।

୪. ଯଦି ଜଣେ ଚାହାନ୍ତି ତେବେ ଅଦାଲତ ତାଙ୍କ ବକ୍ତବ୍ୟ ରୁଦ୍ଧଦ୍ୱାର ଭିତରେ ମଧ୍ୟ ଶୁଣିବାର ବ୍ୟବସ୍ଥା ରହିଛି ।

୫. ଛାଡ଼ପତ୍ର ଉଭୟପକ୍ଷ ସହମତି (Mutual Divorce) ପ୍ରକ୍ରିୟାରେ ହୋଇପାରେ । ଏଥିପାଇଁ ଉଭୟପକ୍ଷ ଅଦାଲତରେ ଆବେଦନ କରିପାରିବେ ଓ ମାନ୍ୟବର ଅଦାଲତ ୬ମାସ ପରେ ଆବେଦନକୁ ବିଚାରକୁ ନେଇ ବିଚ୍ଛେଦପାଇଁ ଦର୍ଶାଯାଇଥିବା କାରଣଗୁଡ଼ିକର ଦୃଢ଼ପରିକର ହେଲେ ଛାଡ଼ପତ୍ର ପାଇଁ ରାୟ ଦେଇଥାନ୍ତି ।

୬. ଛାଡ଼ପତ୍ର ପାଇବାପରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ବିବାହ ଜନିତ ଦାୟିତ୍ୱମୁକ୍ତ ହେବା ସହ ଏହାପରେ ଉଭୟ ପୁନଃବିବାହ କରିପାରନ୍ତି ।

୭. ଯଦି ମହିଳାଟି ନିଜକୁ ଚଳାଇବା ପାଇଁ ସମ୍ବଳନଥାଏ ତେବେ ସେ ତା'ର ଜୀବନ ଧାରଣାରେ ବା ସ୍ଥାୟୀ ବୈବାହିକ ଦେୟ ପାଇବା ପାଇଁ ହକ୍‌ଦାର ହୋଇଥାଏ କିନ୍ତୁ ଯଦି ସ୍ତ୍ରୀ ପୁର୍ନଃବିବାହ କରିବାକୁ ଚାହେଁ ତେବେ ଏ କ୍ଷେତ୍ରରେ ସେ ଏଥିରୁ ନିବୃତ୍ତ ରହିଥାଏ ।

**ପ୍ରଥମ ବିବାହରେ ଛାଡ଼ପତ୍ର ନହୋଇ ଯଦି କିଏ ଦ୍ୱିତୀୟ ବିବାହ କରେ ତେବେ ଏହା ଆଇନ୍ ଅନୁଯାୟୀ ଦଣ୍ଡନୀୟ ଅପରାଧ ।**

# ସଖୀ ତରଫରୁ ସଚେତନତା କାର୍ଯ୍ୟକ୍ରମ











# INTERNSHIP



Students of KIIT School of Law, Bhubaneswar



Members of Srijan Foundation, Ranchi, Jharkhand

# GLIMPSES...



Mr. Samir Ranjan Dash, Minister of School & Mass Education



Mrs. Sasmita Patra, President, Nalco Mahila Samit



Celebration of New Year 2021



Prof. (Dr.) Sarada Prasanna Swain, Director, M.H.I(COE), SCBMCH




Smt. Mandakini Jema, Chairperson, CWC & Members



Observation of International Yoga Day



Smt. Nirupama Behera, DSWO, Cuttack



Smt. Manjulata Nayak, Protection Officer, Cuttack

## *For more information contact-*

**SAKHI - ONE STOP CENTER**
3rd Floor, Mental Health Institute (MHI) (COE)
SCB Medical College & Hospital, Cuttack
Ph. : 0671-2410141, 9938972817
Email : osccuttack@gmail.com, onestopcentercuttack

*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org, Web: www.isdbbsr.org